# Akashvani, Sambalpur

## SAMBALPURI NEWS MORNING BULLETIN

## 10 July 2026 - 6.47- 6.52 am.

---

ଉପରାଷ୍ଟ୍ରପତି -ନାଇଜର୍      ଆଇ ଆଣ୍ଡ୍ ପି.ଆର୍

କୃତ୍ରିମ ବୁଦ୍ଧିମତା, କ୍ୱାଂଟମ୍ ପ୍ରଯୁକ୍ତି ବିଦ୍ୟା ଆଉ ଭିନ୍ ଭିନ୍ ଜ୍ଞାନ୍‌କୌଶଲ୍ ଦେଶର୍ ଅର୍ଥନୀତିକେ ବର୍‌କସ୍ କରୁଛେ ବଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ । ଭୁବ୍‌ନେଶ୍ୱର୍ ରାଷ୍ଟ୍ରୀୟ ବିଜ୍ଞାନ୍ ଶିକ୍ଷା ଆଉ ଅନୁସନ୍ଧାନ୍ ସଂସ୍ଥାନ୍-ନାଇଜର୍‌ର ୧୫ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଉପରାଷ୍ଟ୍ରପତି କହିଛନ୍, ଜ୍ଞାନ୍‌ର ପ୍ରସାର୍ ସହେତେ ଦକ୍ଷ ମାନବ ସମ୍ବଲ୍ ତିଆର୍ କରିକରି ରାଷ୍ଟ୍ର ଗଠନ୍‌ଥି ଇ ସଂସ୍ଥାନ୍ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଂଟା ହାସଲ୍ କରିଛେ । ବିଶ୍ୱ ଇହାଦେ ବହୁତ୍‌ଟେ ସୁଯୋଗ୍ ଆଉ ପ୍ରତିବନ୍ଧକ୍ ଭିତ୍‌ରେ ଯାଉଛେ । ଏନ୍ତା ପରିସ୍ଥିତିଥି ନୈତିକ୍, ସାମାଜିକ୍, ମୂଲ୍ୟବୋଧ୍‌କେ ନଜର୍‌ଥି ରଖିକରି ପ୍ରଯୁକ୍ତିବିଦ୍ୟାର୍ ଦାୟିତ୍ୱପୂର୍ଣ୍ଣ ବେଭାର୍ କର୍‌ବାର୍‌କେ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ

ଦେଇଛନ୍ । ଇ ଅବ୍‌ସରେ ୨ ଶହ ୬୦ ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କୁ ସ୍ନାତକୋତର ପ୍ରମାଣ୍‌ପତ୍ର ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ପ୍ରମୁଖ ଯୋଗ୍ ଦେଇଥିଲେ ।

ମତ୍ସ୍ୟଚାଷୀ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର/ପିଆଇବି

ଆଏଜ୍ ହେଉଛେ ଜାତୀୟ ମତ୍ସ୍ୟଚାଷୀ ଦିବସ୍ । ଫି’ ବଛର୍ ଜୁଲାଇ ୧୦ ତାରିଖ୍‌କେ ମତ୍ସ୍ୟଚାଷୀ ଦିବସ୍ ଭାବେ ପାଲନ୍ କରାଯାଏସି । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି ମାଛ୍ ଚାଷ୍ କ୍ଷେତ୍ରଥି ଓଡ଼ିଶାକେ ଗୁଟେ ଆଗ୍‌ଧାଡ଼ିର୍ ରାଜ୍ୟ କର୍‌ବାର୍ ସହେତେ ଭିଜନ୍ ୨୦୩୬ ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ସରକାର ସଙ୍କଳ୍ପବଦ୍ଧ ବଲି କହିଛନ୍ ।

ପଂଚାୟତ୍ ଆଉ ପୌର ନିର୍ବାଚନ ହି.ସ.

୨୦୨୭ ମସିହା ପଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ଇଥିର୍‌ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଆଏବା ୨୧ ତାରିଖ୍ ଦିନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେବା । ଓସ୍ୱାନ୍ ପ୍ଲାଟ୍‌ଫର୍ମଥି ଆଭାସୀ ଜରିଏ ହେବାର୍‌କେ ଥିବା ବୈଠକ୍‌ଥି ସାମିଲ୍ ହେବାର୍‌କେ ସବୁ ଜିଲ୍ଲାପାଲ୍ ମାନ୍‌କୁ କମିଶନ୍‌ଙ୍କର୍ ତର୍‌ଫୁ ଚିଠି କରାଯାଇଛେ । ବୈଠକ୍‌ଥି ଘର୍‌କେ ଘର୍ ସର୍ଭେ ବାବ୍‌ଦେ ଆଲୋଚନା କରାଯିବାର୍ ସହେତେ ୨୦୨୨ ସହରାଂଚଲ୍ ନିର୍ବାଚନ୍ ବାବଦ୍ ବିଲ୍ ଆଉ ବ୍ୟବହାର୍ ପ୍ରମାଣ୍‌ପତ୍ରର୍ ସ୍ଥିତିର୍ ସମୀକ୍ଷା କରାଯିବା ।

ମୁଖ୍ୟ ଶାସନ୍ ସଚିବ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ପ୍ରୟାସ୍‌ର ୨ ନମ୍ବର୍ ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ରାଜ୍ୟ ସର୍‌କାର୍ ସ୍ୱାସ୍ଥ୍ୟ, ବିଦ୍ୟାଳୟ ଶିକ୍ଷା, ସାମାଜିକ୍ କଲ୍ୟାଣ୍, ମହିଳା ସଶକ୍ତିକରଣ୍ ଆଉ

ପୁଷ୍ଟିସାଧନ୍ ବାଗିର୍ ପ୍ରମୁଖ ସାମାଜିକ୍ କ୍ଷେତ୍ରଥି କାର୍ଯ୍ୟାନ୍ୱୟନ୍‌ର ନିୟମିତ୍ ସମୀକ୍ଷା ଆଉ ତୁର୍ତି ସଂଶୋଧନ୍‌ମୂଲକ୍ ପଦକ୍ଷେପ୍ ଲାଗି ପ୍ରୟାସ୍ ମଂଚ ଗଠନ୍ କରିଛନ୍ । ବୈଠକ୍‌ଥି ବିଦ୍ୟାଲୟ ଆଉ ଗଣଶିକ୍ଷା, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍, ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ୍ ସଶକ୍ତିକରଣ ବିଭାଗ୍‌ର ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଯକ୍ଷ୍ମା ନିରାକରଣ୍ ପଦକ୍ଷେପ୍ ଆଉ ସଚେତନତାକେ ପ୍ରମୁଖ କାର୍ଯ୍ୟସୂଚୀ ଭାବେ ବୈଠକଥି ଆଲୋଚନା କରାଯାଇଛେ ।

ଅଦିନିଆ ରଥଯାତ୍ରା ବିରୋଧ୍        ଆଇ ଆଣ୍ଡ୍ ପି.ଆର୍

ରାଜସ୍ଥାନ୍‌ର ସିକର ଜିଲ୍ଲା ନ ଆଏଜ୍ ହେବାର୍‌କେ ଥିବା ଅଦିନିଆ ରଥଯାତ୍ରାକେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କଡ଼ା ବିରୋଧ୍ କରାଯାଇଛେ । ଶ୍ରୀମନ୍ଦିର୍ ଉପମୁଖ୍ୟ ପ୍ରଶାସକ ଆଉ ପୁରୀ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ସିକର ଜିଲ୍ଲାପାଲ୍‌ଙ୍କୁ ଚିଠି ଲେଖିକରି ଇତାକେ ତୁରନ୍ତ ବନ୍ଦ୍ କର୍‌ବାର୍‌କେ ଅନୁରୋଧ୍ କରିଛନ୍ । ଶାସ୍ତ୍ର ଅନ୍‌ସାରେ ଅଷାଢ଼୍ ମାସର୍ ଉଜଲ୍‌ପଖର୍ ଦ୍ୱିତୀୟା

ତିଥି ନ ହିଁ ରଥଯାତ୍ରା କରାଯିବାର୍ କଥା । ଅଦିନିଆ ରଥଯାତ୍ରା ଲାଗି ଜଗନ୍ନାଥ୍ ସଂସ୍କୃତି ଆଉ ପରମ୍ପରା ନଷ୍ଟ ହେଉଛେ ବଲି ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହଦେବ୍ ଉଦ୍‌ବେଗ ପ୍ରକାଶ୍ କର୍‌ବାର୍ ସହେତେ ଇତାର୍ କଡ଼ା ନିନ୍ଦା କରିଛନ୍ ।

ପରୀକ୍ଷାର୍ ଫଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷକ୍ ଶିକ୍ଷା, ବିଏଡ୍‌, ଏମ୍‌ଏଡ୍‌ ଆଉ ହିନ୍ଦୀ ବିଏଡ୍‌ଥି ନାଁଲେଖା ଲାଗି ହେଇଥିବା ପ୍ରବେଶିକା ପରୀକ୍ଷାର୍ ଫଲ୍ ଆଏଜ୍ ବାହାର୍‌ବା । ଇଥିର୍‌ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସେନ୍ତା ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ହେଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା ସିପିଇଟି ପରୀକ୍ଷାଫଲ୍ ଭିଲ୍ ବାହାରିଛେ । ପ୍ରଭିଜ୍‌ନାଲ୍ ମାର୍କଥି ଅସନ୍ତୁଷ୍ଟ ଛାତ୍ରଛାତ୍ରୀ ଆଏବା ୧୩ ତାରିଖ୍ ଭିତ୍‌ରେ ସାମ୍ସ ପୋର୍ଟାଲ୍ ଜରିଏ ଆପତି ଆବେଦନ୍ ଦାଖଲ୍ କରିପାର୍‌ବେ ।

ଯୁକ୍ତ ଦୁଇ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ଠାନୁ ୟୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଲୟମାନ୍‌କେ ୨୦୨୬ -୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ମୁଲ୍ ହେଇଛେ । କଳା, ବିଜ୍ଞାନ୍, ବାଣିଜ୍ୟ, ସଂସ୍କୃତ ଆଉ ଧନ୍ଦାମୂଲକ୍ ଶିକ୍ଷାଥି ୨ ହଜାର୍ ୫ ଶହ ୭୮ ଟା ଉଚ୍ଚମାଧ୍ୟମିକ୍ ବିଦ୍ୟାଲୟର୍ ୬ ଲାଖ୍ ୭ ଶହ ୧୫ ଟା ସିଟ୍ ଭିତ୍‌ରୁ ଗଲାକାଏଲ୍ ପହେଲା ଦିନେ ୪୭ ହଜାର୍ ୬ ଶହ ୯୦ ଟା ସିଟ୍‌ଥି ଛାତ୍ରଛାତ୍ରୀମାନେ ନାଁ ଲେଖେଇଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଜ୍ଞାନୋଦୟ-ଶିକ୍ଷାନୁ ସମୃଦ୍ଧି ଯୋଜ୍‌ନାଥି ସର୍‌କାରୀ ସହେତେ ଅନୁଦାନ୍ ପ୍ରାପ୍ତ ୟୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟମାନ୍‌କେ ଚଲ୍‌ତି ଶିକ୍ଷା ବଛର୍‌ନୁ ନାଁଲେଖା ପୁରାପୁରି ମାହାଲିଆ ହେଇଛେ ।

ସ୍ୱଚ୍ଛ ଭାରତ୍ କାର୍ୟ୍ୟକ୍ରମ୍ ବଲାଙ୍ଗିର୍ ସମ୍ବାଦାଦତା

ରାଜ୍ୟ ବିଜେପି ସଭାପତି ମନମୋହନ୍ ସାମଲ୍ ବଲାଙ୍ଗୀର୍ ଜିଲ୍ଲା ଗସ୍ତଥି ଯାଇକରି କଅଗାଁ ନ ଧବଳେଶ୍ୱର୍ ମନ୍ଦିର୍ ପରିସର୍‌ଥି

ହେଇଥିବା ସ୍ୱଚ୍ଛ ଭାରତ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ତାର୍ ଉତ୍‌ରୁ ‘ଏକ୍ ପେଡ୍ ମା’କେ ନାମ୍’ ଅଭିଯାନ୍ ଅଧୀନ୍‌ଥି ମିର୍ଦ୍ଧାପାଲିଠାନେ ଚାରାରୋପଣ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ବୌଦ୍ଧ ସହେତେ ୧୦ ଟା ଜିଲ୍ଲା ନ ବିଜ୍‌ଲି ମାରିକରି ଧୁକାଗର୍ଡ଼ି ହେବାର୍ ସମ୍ଭାବନା ରହିଛେ । ଇଥିର୍‌ଲାଗି ଜିଲ୍ଲାମାନ୍‌କୁ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢୁଥିବାର୍‌ନୁ ଗଲାକାଏଲ୍ ଇ ବଛ୍‌ରର୍ ପହେଲା ବଏଢ୍ ପାଏନ୍ ଛଡ଼ାଯାଇଛେ । ଆଏଜ୍ ସଖାଲର୍ ୬ ବଜେ ୧୦ ଟା ଗେଟ୍ ଦେଇକରି ଜଲ୍‌ଭଣ୍ଡାର୍‌ନୁ ପଁ ସେକେଣ୍ଡ୍‌ଥି ୧ ଲାଖ୍ ୮୧ ହଜାର୍ ୪ ଶହ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୮୫ ହଜାର୍ ଶହେ

୮ ଘନଫୁଟ୍ ପାଏନ୍ ଆସୁଛେ । ଇ ସମିଆଥି ଜଲ୍ଭଣ୍ଡାର୍ ଜଲ୍ସ୍ତର୍
୬ ଶହ ୧୪ ଦଶ୍ମିକ୍ ୪/୭ ଫୁଟ୍ ରହିଛେ ।